## କେନ୍ଦୁଝର : ଓଡିଶା ଦିବସ ପାଳିତ : ପ୍ରତି ଓଡିଆ ମାତୃଭୂମି ଓ ମାତୃଭାଷାକୁ ଭଲ ପାଆନ୍ତୁ

କେନ୍ଦୁଝର, ତା ୦୧.୦୪.          ୮୮ତମ ଓଡିଶା ଦିବସ ସମାରୋହ ତା୦୧.୦୪.୨୦୨୩ରିଖ ଶନିବାର ଦିନ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସନ୍ଧ୍ୟାରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଅତିଥିମାନେ ପ୍ରତି ଓଡିଆ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବାକୁ ଆହ୍ୱାନ ଜଣାଇଛନ୍ତି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାଗରିକା ସାହୁ ଉଦ୍‌ବୋଧନ ଦେଇ ଓଡିଆ ଜାତିର ସ୍ୱାଭିମାନକୁ ସର୍ବଦା ବଜାୟ ରଖିବା ନିମନ୍ତେ ପ୍ରତ୍ୟେକ ଓଡିଆ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତ୍ୟାଗ ଓ ବଳିଦାନ ରଖିଥିବା ଉତ୍କଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସମୃଦ୍ଧ ଓଡିଶା ଗଠନ ନିମନ୍ତେ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ । ଭାଷଣପ୍ରସଙ୍ଗରେ ଉତ୍କଳର ପୂର୍ବ ଗୌରବ, ପୂର୍ବ ମହିମାକୁ ମନେ ପକାଇ ନିଜ ମାଆକୁ, ମାଟିକୁ ଓ ଜାତିକୁ ଭଲ ପାଇଲେ ଓଡିଶାର ଓ ଓଡିଆମାନଙ୍କର ମର୍ଯ୍ୟାଦା ବିଶ୍ୱ ଦରବାରରେ ବୃଦ୍ଧି ପାଇବ ବୋଲି କହିଥିଲେ । ଓଡିଶାର ପ୍ରାଚୀନ କଳା ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ମନେ ପକାଇ ଭବିଷ୍ୟତରେ କିପରି ଏହାକୁ ଅଧିକ ଋଦ୍ଧିମନ୍ତ କରିବା ସେଥିପାଇଁ ଚିନ୍ତା କରିବା ଦରକାର । ଦିନଥିଲା ଓଡିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପି ଥିଲା । ସାଧବ ପୁଅର ବିଦେଶରେ ବାଣିଜ୍ୟ ବେପାର, ଓଡିଆ ଶିଳ୍ପୀର ଜୀବନ୍ତ କାରୁକାର୍ଯ୍ୟ, ସୌଖିନ ବସ୍ତ୍ର, ତାରକଶି କାମ, ମଠ ମନ୍ଦିର, କଳା ସାହିତ୍ୟ ସଂସ୍କୃତି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା । କିନ୍ତୁ ସମୟ କ୍ରମେ ଓଡିଶା ଖଣ୍ଡ ବିଖଣ୍ଡିତ ହୋଇଥିଲା । ପଡୋଶୀ ରାଜ୍ୟ ମାନଙ୍କରେ ଏହାର କେତେକ ଅଂଚଳ ମିଶି ନିଜର ଅସ୍ତିତ୍ୱ ହାରାଇଥିଲା । ଓଡିଆ ମାନେ ହରାଇଥିଲେ ନିଜର ପରିଚୟ । ଏପରି ଦୁର୍ଦ୍ଦିନରେ ଉତ୍କଳ ମାତାର  ଯୋଗ୍ୟ ସନ୍ତାନ ମାନେ ଓଡିଆ ଭାଷାର ସୁରକ୍ଷା ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ଚଳାଇଥିଲେ । ବିଭିନ୍ନ ପର୍ଯ୍ୟାୟର ଆନ୍ଦୋଳନ ପରେ ୧୯୩୬ ମସିହା ଏପ୍ରିଲ୍ ୧ ତାରିଖ ଦିନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେଲା । ଓଡିଆମାନେ ପାଇଲେ ନିଜ ପରିଚୟ ଓ ସ୍ୱାଭିମାନ । ଓଡିଶା ଗଠନର ୮୭ ବର୍ଷ ବିତିଯାଇଛି । ନିୟମିତ ଭାବେ ବନ୍ୟା, ବାତ୍ୟା, ମରୁଡି ଆଦି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରୁଛି । ତଥାପି ଓଡିଆ ମାନେ ଦମ୍ଭର ସହିତ ଏସବୁର ମୁକାବିଲା କରିଆସୁଛନ୍ତି । ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦୃଢ ନେତୃତ୍ୱ ଓ ଦୂରଦୃଷ୍ଟି ବଳରେ ଓଡିଶାରେ ବିକାଶର ନୂଆ ପର୍ବ ଜାରି ରହିଛି । ବିଭିନ୍ନ କ୍ଷେତ୍ରରେ ଓଡିଶା ଉଲ୍ଲେଖନୀୟ ସଫଳତା ହାସଲ କରି ଦେଶ କାହିଁକି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି । ଓଡିଶାର ପ୍ରଗତିକୁ ଅଧିକ ଗତିଯୁକ୍ତ କରିବା ପାଇଁ ବିଭିନ୍ନ ସରକାରୀ ଯୋଜନାକୁ ଲୋକମାନଙ୍କ ନିକଟରେ ପହଂଚାଇବାରେ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ରହୁ । ତେବେ ଯାଇ ସାଧାରଣ ମଣିଷ ମୁହଁରେ ହସ ଫୁଟି ପାରିବ ବୋଲି ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାଗରିକା ସାହୁ  କହିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ଓଡିଶା ଦିବସ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇ ନିଜ ଅଭିଭାଷଣରେ ଜିଲ୍ଲା ତଥା ରାଜ୍ୟର ଉନ୍ନତି ଦିଗରେ ଓଡିଶା ଦିବସ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଭାଷଣପ୍ରସଙ୍ଗରେ ଜିଲ୍ଲାପାଳ କହିଥିଲେ ଯେ ଓଡିଶାରେ ସାଂସ୍କୃତିକ ବିଭିଧତା ରହିଥିଲେ ମଧ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା ହୋଇପାରିଛି ଯାହାକି ଓଡିଶାର ଭୂଷଣ । ସଂସ୍କୃତି ଗୋଟିଏ ଜାତିର ଆଧାର ଓ ସମାଜର ଭିତିଭୂମି । ସଂସ୍କୃତି ଓ ଭାଷା ସମୃଦ୍ଧ ହେଲେ ରାଜ୍ୟ ସମୃଦ୍ଧ ହେବ । ଓଡିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟ ଏବଂ ସୌନ୍ଦର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ଏହା ସମଗ୍ର ଭାରତ ବର୍ଷରେ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିଛି ବୋଲି କହିଥିଲେ । ଓଡିଆ ଭାଷାର ପ୍ରାଚୀନତା ଓ ଗାରିମା ଯୋଗୁ ଏହା ଶାସ୍ତ୍ରୀୟ ମାନ୍ୟତା ପାଇଛି, ଯାହାକି ପ୍ରତ୍ୟେକ ଓଡିଆ ପାଇଁ ଗର୍ବ ଓ ଗୌରବର ବିଷୟ । ଏହାକୁ ଅଧିକ ଋଦ୍ଧିମନ୍ତ କରିବାକୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିବଦ୍ଧତା ରଖିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଓଡିଶା ବିଭିନ୍ନ କ୍ଷେତ୍ରରେ ଦେଶରେ ତଥା ବିଶ୍ୱରେ ସୁନାମ ଅର୍ଜନ କରି ଉଦାହରଣ ସାଜିବା ଓଡିଶାବାସୀଙ୍କ ପାଇଁ ଗୌରବାବହ ଘଟଣା ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ସମାରୋହରେ ସମ୍ମାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ଧନରାଜ୍ ଏଚ.ଡି., ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝରଗଡ ପୌରପାଳିକାର ଅଧକ୍ଷା ଶ୍ରୀମତୀ ନିକୁ ସାହୁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରି ଓଡିଶାର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଭାସ୍କର୍ଯ୍ୟ ଦେଶ ବିଦେଶରେ ସ୍ୱୀକୃତ ବୋଲି କହିଥିଲେ । ପ୍ରତିଟି ଓଡିଆ ଭିତରେ ଜାତି ପ୍ରେମ ଉଦ୍ରେକ ହେଲେ ଏବଂ ରାଜ୍ୟର ସ୍ୱାର୍ଥକୁ ଗୁରୁତ୍ୱ ଦେଲେ ଓଡିଶାର ବିକାଶ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି କହିଥିଲେ । ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷ୍ମା ବିଲୁଙ୍ଗ୍, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ  ଅତଥି ଭାବେ ଆଇ.ଏ.ଏସ୍. ପ୍ରୋବେସନର ଧିମେନ୍ ଚଖ୍‌ମା ଯୋଗଦେଇଥିଲେ ।  ଏହି ସମାରୋହରେ ସୁନାମଧନ୍ୟ କଣ୍ଢେଇ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସର୍ବଭାରତୀୟ ସ୍ତରରେ ଜଏଂଟ୍ ଆଡ୍‌ମିସନ୍ ଟେଷ୍ଟ୍ ପରୀକ୍ଷା (ଆଇ.ଆଇ.ଟି.ରେ ନାମ ଲେଖା)ରେ ଭୂତତ୍ୱ ବିଭାଗରେ ଦେଶରେ ଶୀର୍ଷସ୍ଥାନ ହାସଲ କରିଥିବା ଛାତ୍ର ମହେଶ୍ୱର ମହାଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍‌ବ୍ୟତୀତ ରାଜ୍ୟସ୍ତରରେ ଚୟନ ହୋଇଥିବା କୃତୀ ଆଦର୍ଶ ଶିକ୍ଷକ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟ, ଦେଓଗାଁ (ଚୟନ ସମୟରେ)ର ସହକାରୀ ଶିକ୍ଷକ ଶତୃଘ୍ନ ସାହୁ ଏବଂ ମୁକୁନ୍ଦପୁର ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ(ଚୟନ ସମୟରେ)ର ସହକାରୀ ଶିକ୍ଷୟିତ୍ରୀ ମାଳତୀ କୁମାରୀ ନାଥଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ କେନ୍ଦୁଝର     ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସମାରୋହରେ ବିଭିନ୍ନ ବିଭାଗୀୟ ଅଧିକାରୀ / କର୍ମଚାରୀ, ଗଣମାଧମର ପ୍ରତିନିଧି, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ, ଶିଳ୍ପୀ କଳାକାର ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଯୋଗଦେଇଥିଲେ । ଅପରାହ୍ଣ ୩ ଘଟିକା ସମୟରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ମିଳନୀ ସାହିତ୍ୟ ସଂସଦ କେନ୍ଦୁଝର ସହଯୋଗରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସକାଳେ ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।  ଓଡିଶା ଦିବସ ପାଳନ ଅବସରରେ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ସହରରେ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧକ ସଂଗୀତ ପ୍ରସାରଣ କରାଯାଇଥିଲା । କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ ଏବଂ ଟାଉନ୍ ଥାନା ନିରୀକ୍ଷକ ସୁନିଲ କୁମାର କର ଆଇନ ଶୃଙ୍ଖଳା ରକ୍ଷା ତତ୍ତ୍ୱାବଧାନ କରିଥିଲେ ଏବଂ ସମାରୋହର ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳାର ସହିତ ହୋଇଥିଲା ।

1/04/2023

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର